ସମ୍ବାଦ

# ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବାହ୍ୟକ୍ଷେତ୍ର ସଚେତନତା କାର୍ଯ୍ୟକ୍ରମ



ସାଲେପୁର, ୧୫।୨ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ବାହ୍ୟକ୍ଷେତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସ୍ଥାନୀୟ ବଟେଶ୍ୱର ଗ୍ରାମରେ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ଛାତ୍ରଛାତ୍ରୀ ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ' ଓ ଅର୍ଜୁନ ପାଇକରାୟଙ୍କ 'ମାଟିର ମୃତ୍ୟୁ' ନାଟକ ପରିବେଷଣ କରିଥିଲେ। ଓଡ଼ିଆ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

CUTTACK Edition
Page No.21 February 16, 2023

